# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ପାଣିପାଗ ଖେତ୍ରୟ ୟୁନିଟ ଜି . ଉଦୟଗିରି

### ଆଞ୍ଚଳିକ ଜେବେଷଣା ଓ ବୈଷିକ ସମ୍ପ୍ରସାରଣ କେନ୍ଦ୍ର ଜି . ଉଦୟଗିରି , କନ୍ଧମାଳ

### ଓଡିଶା କୃଷି ଓ ବୈଷିୟୀକ ବିଶ୍ୱ ବିଦ୍ୟାଳୟ ଭୁବନେଶ୍ୱର

### ପାଣିପାଗ ପୂର୍ବାନୁମାନ : ୦୧.୧୦.୨୦୧୮ ଠାରୁ ୦୬.୧୦.୨୦୧୮

| ଜିଲା | ତାରିଖ | ବର୍ଷା ( ମି ମି ) | ସର୍ବାଧିକ ତାପମାତ୍ରା ( ସେ ଗ୍ରେ) | ସର୍ବନିମ୍ନ ତାପମାତ୍ରା ( ସେ ଗ୍ରେ ) | ମେଘାଛନ | ସର୍ବାଧିକ ଆଦ୍ରତା | ସର୍ବାଧିକ ଆଦ୍ରତା | ବାୟୁ ର ଗତି | ବାୟୁ ର ଗତି ଦିଗ ( ଡ଼ି ) |
|---|---|---|---|---|---|---|---|---|---|
| ଗଜପତି | ୦୨.୧୦.୨୦୧୮ | ୫ | ୩୫ | ୨୬ | ୪ | ୯୬ | ୬୬ | ୩ | ୨୮୦ |
| | ୦୩. ୧୦.୨୦୧୮ | ୨ | ୩୪ | ୨୬ | ୩ | ୯୪ | ୬୦ | ୩ | ୧୯୮ |
| | ୦୪. ୧୦.୨୦୧୮ | ୨ | ୩୪ | ୨୫ | ୩ | ୯୩ | ୬୧ | ୩ | ୨୦୮ |
| | ୦୫. ୧୦.୨୦୧୮ | ୨ | ୩୪ | ୨୫ | ୩ | ୯୧ | ୬୦ | ୩ | ୨୧୮ |
| | ୦୬. ୧୦.୨୦୧୮ | ୦ | ୩୪ | ୨୫ | ୩ | ୯୦ | ୫୬ | ୩ | ୨୧୯ |

**ଖରିଫ ଧାନ**

**ରଆ ଧାନ-ରୋଗ ପୋକ ନିୟନ୍ତ୍ରଣ**

- ବର୍ତ୍ତମାନ ପାଗରେ ମୁଖ୍ୟ କିଆରୀରେ ଧାନରେ କାଣ୍ଡବିନ୍ଧା ପୋକ, ପତ୍ରମୋଡା ପୋକ, ନଳୀ ପୋକ, ଓ ମହୀଷା ରୋଗ ଲାଗିବାର ସମ୍ଭାବନା ଦେଖାଯାଇଛି | ଯଦି ଆର୍ଥିକ ଦେହେଳୀ ସୀମା ଅତିକ୍ରମ ହୋଇଯାଇଛି, ତେବେ ରୋଗ ପୋକର ଦମନପାଇଁ ନିମ୍ନଲିଖିତ ବ୍ୟବସ୍ଥା ଗ୍ରହଣ କରନ୍ତୁ |

| | ପୋକ | ଆର୍ଥିକ ଦେହଳୀ ସିମା | ଅନୁମୋଦିତ ରାସାୟନିକ ନିୟନ୍ତ୍ରଣ | ମାତ୍ରା |
|---|---|---|---|---|
| 1. | କାଣ୍ଡବିନ୍ଧା ପୋକ | ଶତକଡା 5 ମଲାମଂଜ | ମନୋକ୍ରୋଟଫସ / ଟ୍ରାୟୋଜଫସ / କ୍ଲୋରୋପାଇରିଫସ | ଏକର ପ୍ରତି 400 ମିଲି |
| 2. | ପତ୍ରମୋଡା ପୋକ | ବୁଦାପ୍ରତି 1 ରୁ 2 ସଦ୍ୟ ଆକ୍ରାନ୍ତ ପତ୍ର | କ୍ଲୋରୋପାଇରିଫସ୍ | ଏକର ପ୍ରତି 400 ମିଲି |
| 3. | ନଳୀ ପୋକ | ବୁଦାପ୍ରତି 1 ରୁ 2 ନଳୀ | ଏଣ୍ଡୋସଲଫାନ / ଟ୍ରାୟୋଜୋଫସ | ଏକର ପ୍ରତି 400 ମିଲି |
| 4. | ମାଟିଆଗୁଣ୍ଡି ପୋକ | ବୁଦାପ୍ରତି 10 ଟି ପୋକ | ଇଥୋଫେନପ୍ରକ୍ସ କିମ୍ବା ଫୋସାଲୋନ୍ | ଏକର ପ୍ରତି 200 ଗ୍ରାମ୍<br>ଏକର ପ୍ରତି 500 ଗ୍ରାମ୍ |
| 5. | ମହିଷା ରୋଗ | ଶତକଡା 5 ଭାଗ ରୋଗ ଆକ୍ରମଣ | ବିମ୍ | ଏକର ପ୍ରତି 150 ଗ୍ରାମ୍ |
| 6. | ବୀଜାଣୁ ଜନିତ ପତ୍ରପୋଡା ରୋଗ | ସାମାନ୍ୟ | ଷ୍ଟ୍ରେପ୍ଟୋମାଇସିନ୍ ସଲ୍ଫେଟ୍ 90% + ଟେଟ୍ରାସାଇକ୍ଲିନ୍ ହାଇଡ୍ରୋକ୍ଲୋରାଇଡ୍ | ଏକର ପ୍ରତି 200 ଗ୍ରାମ୍ |
| 7. | ପ୍ରତ୍ରାଛାଦ ପୋଡା ରୋଗ | 10% କିମ୍ବା ଅଧିକ ଆକ୍ରାନ୍ତ ପିଲ | ମେଟାଲାକ୍ସିଲ୍ | ଏକର ପ୍ରତି 400 ଗ୍ରାମ୍ |

**ପ୍ରାକ୍ ରବି ଫସଲ (ମୁଗ, ବିରି ଓ କୋଳଥ)**

- ଅଣଜଳସେଚିତ ଜମିରେ ଖରିଫ ମୁଗ, ବିରି ଓ କୋଳଥ ଫସଲ ପାଇଁ ଜମି ପ୍ରସ୍ତୁତ କରନ୍ତୁ | ଓଡ଼ିଶାର ଜଳବାୟୁ ପାଇଁ ମୁଗ –କେ-851, ପିଡ଼ିଏମ୍-54, ପିଡ଼ିଏମ୍-11, ଓୟୁଏମ୍-11-5 ଓ ବିରି ପାଇଁ ଟି-9, ପନ୍ତ-ୟୁ-11, ପନ୍ତ-ୟୁ-19, ପନ୍ତ-ୟୁ-30 ଓ କୋଳଥ- ଉର୍ମୀ, ଡ଼ିଏସ୍ -1-2 ଓ ଡ଼ି.ଏସ୍ -1-2-2 ଲଗାନ୍ତୁ |
- ଏକର ପ୍ରତି 8 ରୁ 10 କିଗ୍ରା ବାହନ ବୁଣନ୍ତୁ |
- ବୁଣିବା ପୂର୍ବରୁ ବିହନକୁ ଭଲଭାବେ ଖରାରେ ଶୁଖାଇ ଓ ବିହନକୁ ବିଶୋଧନ କରି ବୁଣନ୍ତୁ | 1 କିଗ୍ରା ବିହନକୁ 3 ଗ୍ରାମ୍ ଥିରାମ୍ କିମ୍ବା 2 ଗ୍ରାମ୍ କାର୍ବେଣ୍ଡାଜିମ୍ ପ୍ଲାଇ ବିହନ ବିଶୋଧନ କରନ୍ତୁ |
- ବିହନ ବିଶୋଧନ ପାରେ 10 କିଗ୍ରା ବିହନକୁ 200 ଗ୍ରାମ୍ ବିଜାଣୁ କଲଚରରେ ଗୋଳାଇ ଉପଚାର କରନ୍ତୁ |
- ଜମିକୁ ଭଲଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ | ଶେଷ ଓଡ଼ ଚାଷ କରି ଘାସ ବାଛି ଦିଅନ୍ତୁ | ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି 8 କିଗ୍ରା ଯବକ୍ଷାରଜାନ, 16 କିଗ୍ରା ଫସଫରସ୍ ମୂଳସାର ଆକାରରେ ଦିଅନ୍ତୁ |
- ଧାଡ଼ିକୁ ଧାଡ଼ି 25 ସେମି ଏବଂ ଗଛକୁ ଗଛ 10 ସେମି ବ୍ୟବଧାନ ରଖି ମଞ୍ଜି 3 ସେମି ଗଭୀରରେ ବୁଣନ୍ତୁ |

**ବିଶେଷ ସୂଚନା**

କୃଷି ସମସ୍ୟାର ସମାଧାନ ପାଇଁ ବିନା ଦେୟରେ କିସାନ କଲ କେନ୍ଦ୍ର( Kisan call center )

ଫସଲ ବୀମା ନିଶ୍ଚିତ ପକ୍ଷେ କରନ୍ତୁ

**ନୋଡାଲ ଅଫିସର**

**ଗ୍ରାମୀଣ କୃଷି ମୌସମ ସେବା ଜି . ଉଦୟଗିରି**